# NATIONAL NEWS BULLETIN (ODIA)

## 18th April - 2026

## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ନିନା ସାହୁ**

## ମୁଖ୍ୟ ସମ୍ବାଦ

- ନାରୀଶକ୍ତି ବନ୍ଦନ ଅଧିନିୟମ ବାବଦରେ ଆଜି ରାତି ସାଢ଼େ ୮ଟାରେ ଦେଶବାସୀଙ୍କୁ ଅବଗତ କରାଇବେ ପ୍ରଧାନମନ୍ତ୍ରୀ ।

- ଭାରତ ସାମୁଦ୍ରିକ ବୀମା ପୁଲ୍ ଗଠନକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରି ।

— ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା' ୨୦୨୮ ମସିହା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଜାରି ରହିବ ।

- ପ୍ରାୟ ୨ ହଜାର କୋଟି ଟଙ୍କା ବ୍ୟୟରେ ଭୁବନେଶ୍ୱରଠାରେ ଆସନ୍ତାକାଲି ଶିଳାନ୍ୟାସ ହେବ ଅତ୍ୟାଧୁନିକ ସେମିକଣ୍ଡକ୍ଟର ପ୍ରକଳ୍ପ ।

- ହର୍ମୁଜ ପ୍ରଣାଳୀକୁ ପୁଣି ଥରେ ବନ୍ଦ କରିବାପାଇଁ ଇରାନ୍‌ର ଘୋଷଣା ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜିର ଦ୍ୱିତୀୟ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ବିରୋଧରେ ଟସ୍ ଜିତି ଚେନ୍ନାଇ ସୁପର୍ କିଙ୍ଗସ୍ ବୋଲିଂ କରିବାକୁ ନିଷ୍ପତ୍ତି ।

## ପି.ଏମ୍. - ଆଡ୍ରେସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ରାତି ୮ଟା ୩୦ ମିନିଟ୍‌ରେ ଦେଶବାସୀଙ୍କୁ ସମ୍ବୋଧନ କରିବେ । ମହିଳା ସଂରକ୍ଷଣ ସହ ଜଡ଼ିତ ସମ୍ବିଧାନ ସଂଶୋଧନ ବିଲ୍ ଗତକାଲି ସଂସଦରେ ଆଲୋଚନା ହୋଇଥିଲା । ସୀମା ନିର୍ଦ୍ଧାରଣ ମାଧ୍ୟମରେ ମହିଳା ସଂରକ୍ଷଣ କାର୍ଯ୍ୟକାରୀ କରିବା ସହ ସମ୍ପୃକ୍ତ ପ୍ରସ୍ତାବିତ ବିଧେୟକ ଗୃହରେ ବିତର୍କ ହୋଇଥିଲା ।

## କ୍ୟାବିନେଟ୍

କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଆଜି ଭାରତ ସାମୁଦ୍ରିକ ବୀମା ପୁଲ୍ ଗଠନକୁ ମଞ୍ଜୁରି ପ୍ରଦାନ କରାଯାଇଛି । ଏହି ଘରୋଇ ବୀମା ପୁଲ୍ ନିମନ୍ତେ ୧୨ ହଜାର ୯୮୦ କୋଟି କୋଟି ସାର୍ବଭୌମ ନିଶ୍ଚିତ ପାଣ୍ଠି - ସୋଭରେନ୍

ଗ୍ୟାରେଣ୍ଟି ଫଣ୍ଡ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ପାଣ୍ଠି ଭାରତୀୟ ଜାହାଜଗୁଡ଼ିକୁ ବୀମା ସୁରକ୍ଷା ପ୍ରଦାନ ଦିଗରେ ସହାୟକ ହେବ । ନୂଆଦିଲ୍ଲୀରେ କ୍ୟାବିନେଟ୍ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ପୁଲ୍ ବିଦେଶରୁ ଭାରତୀୟ ବନ୍ଦରକୁ ଆସୁଥିବା ପଣ୍ୟବାହୀ ଜାହାଜଗୁଡ଼ିକୁ ଏବଂ ଭାରତରୁ ବିଦେଶକୁ ଯାଉଥିବା ଜାହାଜଗୁଡ଼ିକୁ ବୀମା ସହାୟତା ଯୋଗାଇ ଦେବ, ଯାହାଦ୍ୱାରା ଭାରତୀୟ ବାଣିଜ୍ୟ କାରବାର ବୃଦ୍ଧି ପାଇବ । ଭାରତୀୟ ସାମୁଦ୍ରିକ ବୀମା ପୁଲ୍ ସମସ୍ତ ସାମୁଦ୍ରିକ ବିପଦ, ଯୁଦ୍ଧ, ପଣ୍ୟ ପରିବହନ, ଯାନ୍ତ୍ରିକ ତ୍ରୁଟି ଆଦିରୁ ସୁରକ୍ଷା ପ୍ରଦାନ କରିବ ।

***Voice (Baishnav - Bima)*** :......

କେନ୍ଦ୍ର କ୍ୟାବିନେଟ୍‌ରେ ମଧ୍ୟ କେନ୍ଦ୍ରୀୟ କର୍ମଚାରୀ ଏବଂ ପେନ୍‌ସନଧାରୀମାନଙ୍କ ପାଇଁ ଅତିରିକ୍ତ ମହଙ୍ଗାଭତ୍ତା ପ୍ରଦାନକୁ ଅନୁମୋଦନ ମିଳିଛି । ଏହା ଚଳିତ ବର୍ଷ ଜାନୁୟାରୀରୁ କାର୍ଯ୍ୟକାରୀ ହେବ । ସେ କହିଛନ୍ତି, ଏହାଦ୍ୱାରା ୫୦ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ୬୮ ଲକ୍ଷରୁ ଊର୍ଦ୍ଧ୍ୱ ପେନ୍‌ସନଧାରୀ ଉପକୃତ ହେବେ । ଏହି ବୃଦ୍ଧି ଫଳରେ ବାର୍ଷିକ ୬ ହଜାର ୭୯୧ କୋଟି ଟଙ୍କା ଅତିରିକ୍ତ ବ୍ୟୟ ହେବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି, କେନ୍ଦ୍ର କ୍ୟାବିନେଟ୍‌ରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ୨୦୨୮ ମସିହା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଜାରି ରହିବା ପ୍ରକ୍ରିୟାକୁ ଅନୁମୋଦନ କରାଯାଇଛି । ଏହାଦ୍ୱାରା ଏହି ଯୋଜନାପାଇଁ

ସଂଶୋଧିତ ଦେୟ ପରିମାଣ ୮୩ ହଜାର ୯୭୭ କୋଟି ଟଙ୍କା ହେବ । ପାର୍ବତ୍ୟ ଅଞ୍ଚଳରେ ସଡ଼କ ଏବଂ ସମତଳ ଅଞ୍ଚଳରେ ସଡ଼କ ଏବଂ ପୋଲ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନିମେନ୍ତ ୨୦୨୮ ମସିହା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ସମୟସୀମା ବୃଦ୍ଧିକୁ ବୈଠକରେ ଅନୁମୋଦନ କରାଯାଇଛି । ସେହିପରି ପାର୍ବତ୍ୟ ଅଞ୍ଚଳରେ ସେତୁ ନିର୍ମାଣ କାର୍ଯ୍ୟ ନିମନ୍ତେ ସମୟ ସୀମା ୨୦୨୯ ମସିହା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ବୃଦ୍ଧିପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

***Voice (Baishnav) :......***

ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କେନ୍ଦ୍ର କ୍ୟାବିନେଟ୍‌ରେ ଆଜି ୨୪ ହଜାର ୮୧୫ କୋଟି ଟଙ୍କା ମୂଲ୍ୟର ୨ଟି ରେଳ ପ୍ରକଳ୍ପକୁ ମଞ୍ଜୁରି ମିଳିଛି । ଏହି ପ୍ରକଳ୍ପ ମଧ୍ୟରେ ଗାଜିଆବାଦ-ସୀତାପୁର ତୃତୀୟ ଓ ଚତୁର୍ଥ ଲାଇନ୍ ଏବଂ ରାଜମୁନ୍ଦ୍ରି-ବିଶାଖାପାଟଣା ତୃତୀୟ ଏବଂ ଚତୁର୍ଥ ଲାଇନ୍ ରହିଛି । ଏହି ରେଳପଥ ଉତ୍ତର ପ୍ରଦେଶ ଏବଂ ଆନ୍ଧ୍ର ପ୍ରଦେଶର ୧୫ଟି ଜିଲ୍ଲା ମଧ୍ୟଦେଇ ଚଳାଚଳ କରିବ ।

## ଶାହା - କ୍ୟାବିନେଟ୍ ଡିସିସନ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା' କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପେନ୍‌ସନଧାରୀମାନଙ୍କ ପାଇଁ ୨ ପ୍ରତିଶତ ମହଙ୍ଗାଭତ୍ତା ବୃଦ୍ଧି ନେଇ

ସରକାରଙ୍କ ନିଷ୍ପତ୍ତିକୁ ପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସେ କହିଛନ୍ତି, ଏହି ବୃଦ୍ଧିରାଶି ଚଳିତ ବର୍ଷ ଜାନୁୟାରୀ ପହିଲାରୁ କାର୍ଯ୍ୟକାରୀ ହେବ । ଶ୍ରୀ ଶାହା କହିଛନ୍ତି, କେନ୍ଦ୍ର କ୍ୟାବିନେଟ୍‌ରେ ମଧ୍ୟ ୮୩ ହଜାର ୯୭୭ କୋଟି ଟଙ୍କା ମୂଲ୍ୟର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା-୩ ଜାରି ରଖିବାକୁ ଅନୁମୋଦନ କରାଯାଇଛି ।  ଗ୍ରାମୀଣ କୃଷି ବଜାର, ବିଦ୍ୟାଳୟ ଏବଂ ହସ୍ପିଟାଲ୍ ସହ ଯୋଗାଯୋଗରେ ଉନ୍ନତିପାଇଁ ମଧ୍ୟ ପ୍ରାଥମିକତା ଦିଆଯାଇଛି । ଏହାଦ୍ୱାରା ଗ୍ରାମୀଣ ଅର୍ଥନୀତି ଅଧିକ ସୁଦୃଢ଼ ହେବା ସହ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇବ ଏବଂ ପରିବହନ ବ୍ୟବସ୍ଥା ଅଧିକ ସହଜ ହୋଇପାରିବ ବୋଲି ଶ୍ରୀ ଶାହା କହିଛନ୍ତି ।

## ସେମିକଣ୍ଡକ୍ଟର - ବୈଷ୍ଣବ

ଅତ୍ୟାଧୁନିକ ସେମିକଣ୍ଡକ୍ଟର ନିର୍ମାଣ କ୍ଷେତ୍ରରେ ଦେଶକୁ ବିଶ୍ୱର କେନ୍ଦ୍ରସ୍ଥଳ ଭାବେ ପ୍ରତିଷ୍ଠିତ କରିବାପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି । ଏହି ପରିପ୍ରେକ୍ଷୀରେ ଆସନ୍ତାକାଲି ଭୁବନେଶ୍ୱରର ଇନ୍‌ଫୋଭ୍ୟାଲି-୨ଠାରେ ଏକ ଅତ୍ୟାଧୁନିକ ଗ୍ଲାସ୍ ସେମିକଣ୍ଡକ୍ଟର ପ୍ୟାକେଜିଂ ପ୍ରକଳ୍ପର ଶିଳାନ୍ୟାସ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଇଲେକ୍ଟ୍ରୋନିକ୍ସ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କାର୍ଯ୍ୟକ୍ରମରେ ଯୋଗଦେବେ ।

୧ ହଜାର ୯୪୩ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ । ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ୨ ହଜାର ୫ ଶହ  ଜଣ ନିଯୁକ୍ତି ପାଇବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି ।

## ଡବ୍ଲ୍ୟୁ.ବି. – କ୍ୟାମ୍ପେନିଂ ଆସେମ୍ବ୍ଲି

ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନପାଇଁ ପ୍ରଚାର କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି । ସମସ୍ତ ପ୍ରମୁଖ ରାଜନୈତିକଗୁଡ଼ିକ ପକ୍ଷରୁ ଭୋଟର୍‌ମାନଙ୍କୁ ଆକୃଷ୍ଟ କରିବା ଲାଗି ପ୍ରୟାସ ଜାରି ରହିଛି । ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତାମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ଆୟୋଜିତ ର୍‍ୟାଲିରେ ଉଦ୍‌ବୋଧନ ଦେଉଛନ୍ତି । ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ପୂର୍ବ–ମେଦିନୀପୁର ଜିଲ୍ଲାର ନନ୍ଦିଗ୍ରାମଠାରେ ଆୟୋଜିତ ର୍‍ୟାଲିରେ ଯୋଗ ଦେଇଛନ୍ତି । ଦିଲୀପ ଘୋଷ୍ ମଧ୍ୟ ଖଡ଼୍‌ଗପୁରଠାରେ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇଛନ୍ତି । ବି.ଜେ.ପି. ନେତାମାନେ ଶାସକ ତୃଣମୂଳ କଂଗ୍ରେସକୁ ଦୁର୍ନୀତି ଏବଂ ଶାସନ କ୍ଷେତ୍ରରେ ଅବ୍ୟବସ୍ଥା ନେଇ ସମାଲୋଚନା କରିଛନ୍ତି । ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏବଂ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଉତ୍ତର ବଙ୍ଗଳାରେ ନିର୍ବାଚନ ପ୍ରଚାର କରିଛନ୍ତି । ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଉତ୍ତର ୨୪

ପ୍ରଗନା ଜିଲ୍ଲାର କମରହାଟୀଠାରେ ନିର୍ବାଚନୀ ର୍ୟାଲିରେ ଉଦ୍‌ବୋଧନ ଦେଇଛନ୍ତି ।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଟି.ଏମ୍.ସି ନେତା ଅଭିଶେକ ବାନାର୍ଜୀ ପ୍ରମୁଖ ରାଜ୍ୟର ବିଭିନ୍ନ ସ୍ଥାନରେ ନିର୍ବାଚନ ପ୍ରଚାର କରିଛନ୍ତି ।

କଂଗ୍ରେସ ନେତା ତଥା ତେଲଙ୍ଗାନାର ମନ୍ତ୍ରୀ ମହମ୍ମଦ ଆଝାରୁଦ୍ଦିନ ମୁର୍ଶିଦାବାଦ ଏବଂ ମାଲ୍‌ଦା ଜିଲ୍ଲାରେ ଆୟୋଜିତ ଜନସଭାରେ ଉଦ୍‌ବୋଧନ ଦେଇଛନ୍ତି । ବାମପନ୍ଥୀ ଦଳ ଏବଂ ଅନ୍ୟାନ୍ୟ ରାଜନୈତିକ ଦଳ ପକ୍ଷରୁ ନିର୍ବାଚନ ପ୍ରଚାର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି ।

## ଇରାନ୍-ୟୁ.ଏସ୍. ହର୍ମୁଜ

ଯୁକ୍ତରାଷ୍ଟ୍ର ଆମେରିକା’ ଇରାନ୍‌ର ଜାହାଜ ଏବଂ ବନ୍ଦର ଅବରୋଧ କରିବା ପରେ’ ଇରାନ୍ ହର୍ମୁଜ ପ୍ରଣାଳୀକୁ ପୁଣି ଥରେ ବନ୍ଦ କରିବାପାଇଁ ଘୋଷଣା କରିଛି । ଇରାନ୍‌ର ମିଳିତ ସାମରିକ କମାଣ୍ଡ ପକ୍ଷରୁ କୁହାଯାଇଛି, ସଶସ୍ତ୍ର ବାହିନୀର କଠୋର ପରିଚାଳନା ଯୋଗୁଁ ହର୍ମୁଜ ପ୍ରଣାଳୀର ନିୟନ୍ତ୍ରଣ ପୂର୍ବସ୍ଥିତିକୁ ଫେରିଆସିଛି । ଇରାନ୍ ପକ୍ଷରୁ ଚେତାବନୀ ଦିଆଯାଇ କୁହାଯାଇଛି, ଆମେରିକା ଯେପର୍ଯ୍ୟନ୍ତ ଇରାନ୍‌ର ବନ୍ଦର ଏବଂ ଜାହାଜ ଅବରୋଧ କରିବ, ସେପର୍ଯ୍ୟନ୍ତ ଇରାନ୍ ହର୍ମୁଜ ପ୍ରଣାଳୀ ଦେଇ ପରିବହନ

ବ୍ୟବସ୍ଥା ବନ୍ଦ ରହିବ । ଅନ୍ୟପକ୍ଷରେ ଆମେରିକାର କେନ୍ଦ୍ରୀୟ କମାଣ୍ଡ କହିଛି, ଆମେରିକା ସେନା ଇରାନ୍‌ର ୨୩ଟି ଜାହାଜକୁ ଅବରୋଧ କରିଛି । ଫଳରେ ସେହି ଜାହାଜଗୁଡ଼ିକ ଗତିପଥ ପରିବର୍ତ୍ତନ କରିଛନ୍ତି । ଅନ୍ୟପକ୍ଷରେ ବ୍ରିଟିଶ୍ ସାମରିକ ବାହିନୀ ପକ୍ଷରୁ କୁହାଯାଇଛି, ହର୍ମୁଜ ପ୍ରଣାଳୀ ଦେଇ ଯାଉଥିବା ଟ୍ୟାଙ୍କର୍ ଉପରେ ଇରାନ୍‌ର ରିଭୋଲ୍ୟୁସନାରୀ ଗାର୍ଡ଼ ପକ୍ଷରୁ ଗୁଳିଚାଳନା କରାଯାଇଥିଲା ।

## ଅଷ୍ଟ୍ରେଲିଆ-ଜାପାନ ଡିଫେନ୍ସ ଡିଲ୍

ଅଷ୍ଟ୍ରେଲିଆକୁ ଯୁଦ୍ଧଜାହାଜ ଯୋଗାଣପାଇଁ ଅଷ୍ଟ୍ରେଲିଆ ଓ ଜାପାନ ମଧ୍ୟରେ ୭ ବିଲିୟନ୍ ଡଲାରର ଏକ ଐତିହାସିକ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଅଷ୍ଟ୍ରେଲିଆ ପ୍ରତିରକ୍ଷା ମନ୍ତ୍ରୀ ରିଚାର୍ଡ଼ ମାର୍ଲେସ୍ କହିଛନ୍ତି, ଏହି ଚୁକ୍ତିନାମା ଫଳରେ ଜାହାଜ ଯୋଗାଣପାଇଁ ଉଭୟ ଦେଶର ପ୍ରତିବଦ୍ଧତାକୁ ଦର୍ଶାଉଛି । ଏହି ଚୁକ୍ତିନାମା ଅନୁଯାୟୀ ଜାପାନ ରୟାଲ୍ ଅଷ୍ଟ୍ରେଲିଆନ୍ ନୌସେନାକୁ ୩ଟି ଅତ୍ୟାଧୁନିକ ମୋଗାମି ଶ୍ରେଣୀୟ ବହୁମୁଖୀ ଫ୍ରିଗୋଟ୍ ଜାହାଜ ଯୋଗାଇବ, ଯାହା ୨୦୨୯ ମସିହାରୁ ଜାପାନରେ ନିର୍ମାଣ କରାଯିବ । ଅଷ୍ଟ୍ରେଲିଆ ଏହି ଜାହାଜଗୁଡ଼ିକୁ ଭାରତ ଏବଂ ପ୍ରଶାନ୍ତ ମହାସାଗରରେ ମୁତୟନ କରିବ ।

# ସାବରୀମାଳା ଟେମ୍ପଲ୍

କେରଳମ୍‌ରେ ପ୍ରସିଦ୍ଧ ସାବରୀମାଳା ଆୟାପ୍ପା ମନ୍ଦିରରେ ୮ ଦିନ ଧରି ଚାଲିଥିବା ବାର୍ଷିକ ବିଶୁ ମହୋତ୍ସବର ଆଜି ଉଦ୍‌ଯାପନୀ ଦିବସରେ ମନ୍ଦିର ରାତି ୧୦ଟାରେ ବନ୍ଦ ହେବ । ଏପ୍ରିଲ୍ ୧୦ ତାରିଖରୁ ଖୋଲା ଯାଇଥିବା ମନ୍ଦିରରେ ବିଶୁ ଏବଂ ମାସିକ ପୂଜାପାଇଁ ତୀର୍ଥଯାତ୍ରୀଙ୍କର ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ବୁଧବାର ପ୍ରତ୍ୟୁଷରେ ବିଶୁକାନି ଦର୍ଶନ ଅନୁଷ୍ଠିତ ହୋଇଥିଲା । ପାଞ୍ଚଦିନିଆ ମାସିକ ପୂଜାପାଇଁ ଏହି ମନ୍ଦିର ମଇ ମାସ ୧୪ ତାରିଖରେ ପୁଣି ଥରେ ଖୋଲିବ ।

# ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଜିର ଦ୍ୱିତୀୟ ମ୍ୟାଚ୍ ହାଇଦ୍ରାବଦର ରାଜୀବ ଗାନ୍ଧି ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଆଉ କିଛି ସମୟ ପରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଏବଂ ଚେନ୍ନାଇ ସୁପର୍‌କିଙ୍ଗ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଚେନ୍ନାଇ ସୁପର୍ କିଙ୍ଗ୍‌ସ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଖେଳାଯାଉଥିବା ଆଜିର ପ୍ରଥମ ମ୍ୟାଚ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ' ଦିଲ୍ଲୀ କ୍ୟାପିଟାଲ୍‌ସ ବିରୋଧରେ ନିର୍ଦ୍ଧାରିତ ୨୦ ଓଭର୍‌ରେ ୮ ୱିକେଟ୍ ହରାଇ ୧୭୫ ରନ୍ ସଂଗ୍ରହ କରିଛି । ସମ୍ବାଦ ପ୍ରସ୍ତୁତ ହେବାବେଳକୁ ୧୭୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦିଲ୍ଲୀ କ୍ୟାପିଟାଲ୍‌ସ ୧୭ ଓଭର୍‌ରେ ୪ ୱିକେଟ୍ ବିନିମୟରେ ୧୩୯ ରନ୍ ସଂଗ୍ରହ କରିଛି ।

*****